# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**24 July - 2024**

**News Editor : Tapan Kumar Moharana**

********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗ ନେଇ ବାରମ୍ବାର ହଟ୍ଟଗୋଳ ହେବାରୁ ଅପରାହ୍ଣ ୪ଟା ଯାଏଁ ବିଧାନସଭା ମୁଲତବୀ
- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ପରିବାର ନୂତନ ରାସନ କାର୍ଡ ପାଇଁ  ଆବେଦନ କରିଛନ୍ତି; କହିଲେ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ
- ରାଜ୍ୟ କ୍ୟାବିନେଟ୍ ବୈଠକ ଆଜି ସନ୍ଧ୍ୟାରେ  ହେବ ଅନୁଷ୍ଠିତ
- ଶ୍ରୀମନ୍ଦିରରେ ବନକଲାଗି ନୀତି ପାଇଁ ଆଜି ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ମୌସୁମୀ ସକ୍ରିୟ ଥିବାରୁ ରାଜ୍ୟରେ ଲାଗି ରହିଛି ବର୍ଷା; ୭ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି

# ବିଧାନସଭା

କଂଗ୍ରେସ ସଦସ୍ୟମାନଙ୍କ ଗୃହ ମଧ୍ୟଭାଗରେ ହଟଗୋଳ ଯୋଗୁଁ ଆଜି ବିଧାନସଭାର ପ୍ରଶ୍ନକାଳ ଓ ଶୂନ୍ୟକାଳ ଚାଲିପାରି ନାହିଁ । ତିନି ପର୍ଯ୍ୟାୟରେ ବାଚସ୍ପତି ସୁରମା ପାଢୀ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି । ଆଜି ପ୍ରଶ୍ନକାଳ ଆରମ୍ଭରୁ ବାଚସ୍ପତି ଶ୍ରୀମତୀ ପାଢୀ ଉତ୍ତର ରଖିବାପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଡାକିଥିଲେ । ଶ୍ରୀ ସିଂହଦେଓ ତାଙ୍କର ଉତ୍ତର ରଖୁଥିବାବେଳେ ବିରୋଧୀଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ନିଜ ଆସନରେ ଛିଡାହୋଇ କିଛି କହିବାକୁ ଚାହିଁଥିଲେ । ହେଲେ ବାଚସ୍ପତି ଏଥିପାଇଁ ତାଙ୍କୁ ଅନୁମତି ନ ଦେବାରୁ ଏହାର ପ୍ରତିବାଦରେ ବିଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ । ଏହି ସମୟରେ କଂଗ୍ରେସ ସଦସ୍ୟମାନେ କେନ୍ଦ୍ରୀୟ ଅବହେଳା ଅଭିଯୋଗ ଆଣି ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ହଟଗୋଳ ମଧ୍ୟରେ ମନ୍ତ୍ରୀଙ୍କ ଉତ୍ତର ଶୁଣାଯାଉନଥିଲା ।

ଗୃହ କାର୍ଯ୍ୟରେ ସହଯୋଗ ଲାଗି ବାଚସ୍ପତି ବାରମ୍ବାର କଂଗ୍ରେସ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ହଟଗୋଳ ଜାରି ରଖିଥିଲେ ।

ଗୃହରେ ଅଚଳାବସ୍ଥା ଲାଗି ରହିବାରୁ ବାଚସ୍ପତି ଗୃହକୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପୁର୍ନବାର ଗୃହକାର୍ଯ୍ୟ ଆରମ୍ଭ ହେବାରୁ କଂଗ୍ରେସ ସଦସ୍ୟମାନେ ହଟଗୋଳ କରିଥିଲେ । ଗୃହକାର୍ଯ୍ୟ ସ୍ୱାଭାବିକ ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହିତ ଗୃହକୁ ଅପରାହ୍ନ ୧୨ଟା ଯାଏଁ ମୁଲତବୀ ରଖିଥିଲେ । ତେବେ ସର୍ବଦଳୀୟ ବୈଠକରୁ କୌଣସି ସୁଫଳ ନ ମିଳିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

## ବିଧାନସଭା-୨

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬ଲକ୍ଷ ୧୯ହଜାର ୬୩୮ ପରିବାର ନୂତନ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଆଜି ବିଧାନସଭାରେ ଆଜି ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ରାଜ୍ୟର ୯୨ଲକ୍ଷ ୬୬ହଜାର ୪୯୧ ପରିବାରର ୩କୋଟି ୨୫ଲକ୍ଷ ୯୩ ହଜାର ୮୭୫ ଲୋକ ସାମିଲ ଥିବାବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩ଲକ୍ଷ ୧୫ହଜାର ୨୩୭ ପରିବାରର ୧୦ଲକ୍ଷରୁ ଅଧିକ ପରିବାର ସାମିଲ ଅଛନ୍ତି । ତେବେ ରାଜ୍ୟରେ ନୂଆ ରାସନକାର୍ଡ ପାଇବା ସହିତ ବିନା ମୂଲ୍ୟରେ ଚାଉଳ ପାଇବାକୁ ଆବେଦନ କରି କେତେକ

ଅପେକ୍ଷରେ ରହିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଆବେଦନ ତାଲିକାରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷରୁ ଅଧିକ ପରିବାର ଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୬୫ହଜାରରୁ ଅଧିକ ଏବଂ କଟକ ଜିଲ୍ଲାରେ ୫୦ହଜାରରୁ ଅଧିକ ପରିବାର ରହିଛନ୍ତି ।

## ମୁଖ୍ୟମନ୍ତ୍ରୀ-କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାତି ୮ଟା ୩୦ ମିନିଟ୍‌ରେ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବିଧାନସଭାରେ ଆସନ୍ତାକାଲି ଉପସ୍ଥାପନ ହେବାର ଅବ୍ୟବହିତ ପୂର୍ବରୁ କ୍ୟାବିନେଟ୍ ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଏଥିରେ ୪ ରୁ ୫ଟି ବିଷୟରେ ନିଷ୍ପତ୍ତି ନିଆଯିବାର ସୂଚନା ମିଳିଛି। ନୂଆ ସରକାର ଗଠନ ପରେ ଏହା ହେଉଛି ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ତୃତୀୟ କ୍ୟାବିନେଟ୍ ବୈଠକ।

## ଏସ୍‌ସି-ଲୋକ ଅଦାଲତ

ସୁପ୍ରିମକୋର୍ଟରେ ବିଚାରାଧୀନ ରହିଥିବା ମାମଲାଗୁଡ଼ିକର ଆପୋଷ ଫଏସଲା ଲକ୍ଷ୍ୟରେ ଆସନ୍ତା ୨୯ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜନ କରାଯିବ । ପ୍ରଧାନ ବିଚାରପତି ଜଷ୍ଟିସ ଡି.ଓ୍ୱାଇ. ଚନ୍ଦ୍ରଚୂଡ ଏହି ସୁବିଧାର ସୁଯୋଗ ନେବାକୁ ଜନସାଧାରଣଙ୍କୁ

ନିବେଦନ କରିଛନ୍ତି ।  ସୁପ୍ରିମକୋର୍ଟ ପ୍ରତିଷ୍ଠାର ୭୫ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏଭଳି ଏକ ପଦକ୍ଷେପ ନିଆଯାଇଛି ।

## ଇଏସ୍ଆଇ-ଏମ୍ପ୍ଲଇ

ଚଳିତବର୍ଷ ମଇ ମାସରେ ୨୩ଲକ୍ଷରୁ ଅଧିକ ଶ୍ରମଜୀବୀ  କର୍ମଚାରୀ ରାଜ୍ୟ ବୀମା ଯୋଜନା-ଇଏସ୍ଆଇରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଶ୍ରମ ଏବଂ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସେମାନଙ୍କ ମଧ୍ୟରେ ୧୧ଲକ୍ଷରୁ ଊର୍ଦ୍ଧ୍ୱ  ବୀମାଧାରୀଙ୍କ ବୟସସୀମା ୨୫ବର୍ଷ ମଧ୍ୟରେ ରହିଛି । ମନ୍ତ୍ରଣାଳୟ କହିଛି ଗତ ମେ’ ମାସରେ ଏହି ନୂତନ କର୍ମଚାରୀଙ୍କ ମଧ୍ୟରେ ୪ଲକ୍ଷ ୪୭ହଜାର ମହିଳା ଅନ୍ତର୍ଭୁକ୍ତ ।

## ବନକଲାଗି

ଶ୍ରୀମନ୍ଦିରରେ ଆଜି ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ସର୍ବସାଧାରଣ ଦର୍ଶନ ୪ ଘଣ୍ଟା ପାଇଁ ବନ୍ଦ ରହିବ । ଶ୍ରୀଜୀଉଙ୍କ ବନକଲାଗି ନୀତି ପାଇଁ ଭୋଗମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ରତ୍ନଭଣ୍ଡାର

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତି-ମଣତି ନେଇ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଆଜି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ ସରିଛି।  ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ସଂସ୍ଥା-ଏଏସ୍ଆଇ ରତ୍ନଭଣ୍ଡାର ମରାମତି କରି ପ୍ରମାଣପତ୍ର ଦେବା ପରେ ଗଣତି-ମଣତି ହେବ।

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୭ତାରିଖ ଶନିବାର ନୂଆଦିଲ୍ଲୀରେ ନୀତି ଆୟୋଗର ସାଧାରଣ ପରିଷଦ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଆସନ୍ତା ଶୁକ୍ରବାର ଦିଲ୍ଲୀ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ସେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ଦକ୍ଷତା ତାଲିମ୍ ଶିବିର

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଜିଲା ଦକ୍ଷତା ତାଲିମ କେନ୍ଦ୍ରରେ ପ୍ରାଥମିକସ୍ତରରେ ବହୁଭାଷୀ  ବିଷୟଭିତ୍ତିକ ପ୍ରଶିକ୍ଷଣ

ଶିବିର **ନବରଙ୍ଗପୁର** ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜନଜାତି ଛାତ୍ରଛାତ୍ରୀ ସେମାନଙ୍କ ପାଠପଢ଼ା ସମୟରେ ଯାହା ବୁଝିପାରୁନାହାନ୍ତି, ସେସବୁକୁ ସେମାନଙ୍କ ଭାଷାରେ ସରଳଭାବେ ବୁଝାଇବାକୁ ପାଇଁ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ତାଲିମ ପାଇବା ପରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଭାଷାଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଛାତ୍ରଛାତ୍ରୀଙ୍କୁ ନିଜ ଆଞ୍ଚଳିକ ଓ ଜନଜାତି ଭାଷାରେ ବୁଝାଇବାକୁ ସହାୟକ ହେବେ ବୋଲି ଅନୁସୂଚିତ ଜାତି ଓ ଜନଜାତି ରାଜ୍ୟ ଆର୍‌ଟିଆଇ ସଂଯୋଜକ କହିଛନ୍ତି। ଆସନ୍ତା ୨୬ ତାରିଖରେ ଶିବିର ଉଦ୍‌ଯାପନ ହେବ।

## ପ୍ରତିଷ୍ଠା ଦିବସ-ମଜ୍‌ଦୁର ସଂଘ

ନୂଆପଡା ଜିଲ୍ଲା ଖଡିଆଳସ୍ଥିତ ଅଗ୍ରସେନ ଭବନଠାରେ ଭାରତୀୟ ମଜଦୁର୍ ସଂଘର ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରଦୀପ କୁମାର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଜଦୁର୍ ସଂଘର ଅଧିକାର ଓ ନ୍ୟାୟ ପାଇଁ ଲଢ଼େଇ କରିବାର ପ୍ରୟାସ ଜାରି ରହିଥିବା କହିଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି

କନ୍ଧମାଳ ଜିଲ୍ଲା ଟିକାବାଲି ଜିଲ୍ଲା ସଭାଗୃହଠାରେ ଜିଲ୍ଲାପାଳ ଆଶୀଷ ଇଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ହୋଇଯାଇଛି । ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବ୍ଲକର ୧୧ଟି ଗ୍ରାମ ପଞ୍ଚାୟତର ଜନସାଧାରଣ ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ କରିଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଉଟି ରେସନ କାର୍ଡ ପାଇବା ପାଇଁ ଲୋକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୯୧ଟି ଅଭିଯୋଗ ଆସିଥିଲା ।

## ଲ୍ୟାପଟପ୍ ମେଧାବୃତ୍ତି

ଲ୍ୟାପଟପ୍ ଡିବିଟି ମେଧାବୃତ୍ତି ପାଇଁ ଛାତ୍ରଛାତ୍ରୀମାନେ ପୁଣି ଆବେଦନ କରିପାରିବେ । ଏହି ଯୋଜନାରେ ଆବେଦନ କରି ନ ଥିବା ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ ଅଗଷ୍ଟ ୨୩ତାରିଖ ଯାଏ ଆବେଦନ କରିପାରିବେ । ଏଥିପାଇଁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲ ଖୋଲିବ । ୨୦୨୩-୨୪ଶିକ୍ଷା ବର୍ଷ ପାଇଁ ଲ୍ୟାପଟପ ପାଇବାକୁ ଯୋଗ୍ୟ ବିବେଚିତ ଓ ଆବେଦନ କରି ନ ଥିବା ଛାତ୍ରଛାତ୍ରୀଙ୍କ ତାଲିକା ରାଜ୍ୟ ସ୍କଲାରସିପ୍ ପୋର୍ଟାଲରେ ଅପ୍‌ଲୋଡ କରାଯାଇଛି । ସୂଚନାଯୋଗ୍ୟ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ୩୦ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

## ମାଗଣା ହୃଦ୍ ଅସ୍ତ୍ରପ୍ରଚାର

ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ମାଗଣା ହୃଦ୍ ଅସ୍ତ୍ରୋପ୍ରଚାର ପାଇଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୧ ଜଣ ଶିଶୁଙ୍କୁ ମୁମ୍ବାଇ ନିଆଯାଇଛି। ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏହି ଶିଶୁଙ୍କୁ ମୁମ୍ବାଇ ସ୍ଥିତ SRCC ହୃଦ୍ ଚିକିତ୍ସାଳୟକୁ ପଠାଯାଇଛି। ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା RBSK ଟିମ୍ ଦ୍ୱାରା ଏହି ଶିଶୁମାନଙ୍କୁ ଚିହ୍ନଟ କରାଯାଇଥିଲା।

# ମୁଖ୍ୟ ନିର୍ବାଚନ ଅଧିକାରୀ

ରାଜ୍ୟର ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ୨୦୦୧ ବ୍ୟାଚ୍‌ରେ ଆଇଏଏସ୍ ଅଧିକାରୀ ଆର୍.ସନ୍ତୁଗୋପାଳନ୍‌ଙ୍କୁ ନିଯୁକ୍ତି ମିଳିଛି। ଏ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପାଣିପାଗ

ମୌସୁମୀ ସକ୍ରିୟ ରହିଥିବାରୁ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ଗତକାଲି ସକାଳ ସାଢ଼େ ୮ଟାରୁ ଆଜି ସକାଳ ସାଢ଼େ ୮ଟା ଯାଏଁ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ୍‌ରେ ସର୍ବାଧିକ ୧୦୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆଜି ଦିନ ସମୟରେ ଅନୁଗୁଳରେ ୫୭ ମିଲିମିଟର ବର୍ଷା ରେକର୍ଡ

କରାଯାଇଥିବାବେଳେ ବଲାଙ୍ଗିରରେ ୪୬, ନୂଆପଡାରେ ୩୦, ପାରାଦ୍ୱୀପରେ ୨୯, ତାଳଚେରରେ ୧୮, ପୁରୀରେ ୧୫ ଦଶମିକ ୬ ଏବଂ ଢେଙ୍କାନାଳ ୧୫ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବାରୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ସୁନ୍ଦରଗଡ଼ରେ ପ୍ରବଳରୁ ଅତିପ୍ରବଳ ଏବଂ ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ, ଦେବଗଡ଼ ଓ ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

******************************
*